# ଜନ୍ମ ସମ୍ବଲପୁରରେ, ଜନ୍ମଦିନ ରାଜଧାନୀରେ

ସମ୍ବଲପୁର, ୧୦।୬ (ଇମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାପନା ଦିବସ ଶୁକ୍ରବାର ଭୁବନେଶ୍ୱରର ଇଡକଲ୍ ଅଡିଟୋରିଅମ୍‌ଠାରେ ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱବିଦ୍ୟାଳୟର ମୁଖ୍ୟାଳୟ ସମ୍ବଲପୁରରେ ରହିଥିବାବେଳେ ଏହାର ପ୍ରଥମ ସ୍ଥାପନା ଦିବସ କାର୍ଯ୍ୟକ୍ରମ ରାଜଧାନୀରେ ପାଳନ କରାଯିବାକୁ ନେଇ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯେକୌଣସି ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଏହା ପ୍ରତିଷ୍ଠିତ ହୋଇଥିବା ସ୍ଥାନରେ ବା ଏହାର ଜନ୍ମସ୍ଥାନରେ ପାଳନ କରା ଯାଇଥାଏ। ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଗଂଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠିତ ହୋଇଥିଲା ଓ ଅଦ୍ୟାବଧି ସେହିଠାରେ କାର୍ଯ୍ୟ କରୁଛି। ଭୁବନେଶ୍ୱର ଓ ବ୍ରହ୍ମପୁରଠାରେ ଏହାର ଦୁଇଟି ଆଞ୍ଚଳିକ କେନ୍ଦ୍ର ଖୋଲା ଯାଇଛି। କିନ୍ତୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ମୂଳ କେନ୍ଦ୍ରରେ ନହୋଇ ଆଞ୍ଚଳିକ କେନ୍ଦ୍ର ଥିବା ସହରରେ ପାଳନ କରାଯିବା ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ ବିସ୍ମୟ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ଭୁବନେଶ୍ୱରରେ ରହିବା ଭଳି ମୁକ୍ତ ବିଶ୍ୱବିଦ୍ୟାଳୟର ମୁଖ୍ୟାଳୟ ବି ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ଏହା ଏକ ଚକ୍ରାନ୍ତ ହୋଇ ଥାଇପାରେ ବୋଲି ସେମାନେ ଆଶଂକାବ୍ୟକ୍ତ କରିଛନ୍ତି। ସେମାନଙ୍କ ମତରେ ସମ୍ବଲପୁରରେ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କର କେବେ ବି ଯୋଜନା ନଥିଲା। କିନ୍ତୁ ଗତ ବର୍ଷ ଏଠାରେ ଆଇଆଇଏମ୍ ଆନ୍ଦୋଳନ ତୀବ୍ର ହେଉଥିବା ଦେଖି ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ରାଜ୍ୟ ସରକାର ତରବରିଆଭାବେ ସମ୍ବଲପୁରଠାରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆୟୋଜନ ପାଇଁ ଘୋଷଣା କରିଥିଲେ। ଅବଶ୍ୟ ଏହି ଲଲିପପ୍ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କୁ ସନ୍ତୁଷ୍ଟ କରିପାରି ନଥିଲା ଓ ସେମାନେ ରାଜରାସ୍ତାରୁ ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ଲଢ଼େଇ କରି ଆଇଆଇଏମ୍ ହାସଲ କରିଥିଲେ। ହେଲେ ସମ୍ବଲପୁରରେ ଆଇଆଇଏମ୍ ସ୍ଥାପନ ପରେ ମୁକ୍ତ ବିଶ୍ୱବିଦ୍ୟାଳୟ ବି ଏଠାରେ ରହିବା ଉପକୂଳ କୈନ୍ଦ୍ରିକ ସରକାରକୁ ହଜମ ହେଉ ନାହିଁ। ତେଣୁ ଏଠାରୁ ମୁଖ୍ୟାଳୟ ରାଜଧାନୀ ଉଠାଇ ନେବା ପାଇଁ ଭିତିରି ଯୋଜନା କରା ଯାଉଥିବା ଅଭିଯୋଗ ହୋଇଛି। ଏଭଳି ପଦକ୍ଷେପ ନେବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ପ୍ରତିଷ୍ଠା ଦିବସ ଭୁବନେଶ୍ୱରରେ ପାଳନ କରି ସରକାର ପରଖି ଦେଖୁଛନ୍ତି। ଯଦି ଏଠାରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବ ତାହେଲେ ଧୀରେଧୀରେ ଏହାର ମୁଖ୍ୟାଳୟକୁ ଉଠାଇ ନିଆଯାଇ ଏଠାକାର କେନ୍ଦ୍ରକୁ ଆଞ୍ଚଳିକ କେନ୍ଦ୍ରରେ ସୀମିତ କରି ଦିଆ ଯାଇପାରେ ବୋଲି ବହୁ ଅନୁଷ୍ଠାନ ଅଭିଯୋଗ କରିଛନ୍ତି। ସମ୍ବଲପୁର ନାଗରିକ କଲ୍ୟାଣ ପରିଷଦର ଅଧ୍ୟକ୍ଷ ମହେନ୍ଦ୍ର ମିଶ୍ରଙ୍କ ସମେତ ସଚେତନ ସମ୍ବଲପୁର ନାଗରିକ କମିଟି, କୋଶଲ ସାଂସ୍କୃତିକ ସମାଜ, ସମ୍ବଲପୁର ମହାନଗର ନାଗରିକ କମିଟିର କାର୍ଯ୍ୟକର୍ତ୍ତା ଗଣ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ପଦକ୍ଷେପର ନିନ୍ଦା କରିଛନ୍ତି। ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ, ଗୋଲକ ବିହାରୀ ମିଶ୍ର, ସପନ ମିଶ୍ର, ନୀଳାମ୍ବର ସାହୁ, ପ୍ରଶାନ୍ତ ସାହୁ, କୌସ୍ତୁଭ ପ୍ରଧାନ ପ୍ରମୁଖ ଭୁବନେଶ୍ୱରରେ ସ୍ଥାପନା ଦିବସ ପାଳନର ତୀବ୍ର ପ୍ରତିବାଦ କରିଛନ୍ତି। ଏ ସଂପର୍କରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଶ୍ରୀକାନ୍ତ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବର୍ତ୍ତମାନ ସମ୍ବଲପୁରରେ ଶୀତଳଷଷ୍ଠୀର ମାହୋଲ ଥିବାରୁ ଏଠାରେ ହୋଟେଲ୍ କୋଠରି ମିଳିବାରେ ସମସ୍ୟା ଥିଲା। ପ୍ରଥମ ସ୍ଥାପନା ଦିବସକୁ ବାହାରୁ ବହୁ ମାନ୍ୟଗଣ୍ୟ ଅତିଥି ଆସିବାର ଥିବାରୁ ଉତ୍ତମ ହୋଟେଲ୍ ବ୍ୟବସ୍ଥା ପାଇଁ ଏହାକୁ ଅନ୍ୟତମ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରରେ ପାଳନ କରା ଯାଇଛି। ମୁଖ୍ୟାଳୟ ସମ୍ବଲପୁରରୁ ଉଠିଯିବା ନେଇ ଆଶଂକା କରାଯିବା ଅମୂଳକ ବୋଲି ପ୍ରଫେସର୍ ମହାପାତ୍ର କହିଛନ୍ତି।